# ଅଷ୍ଟମ ଅଧ୍ୟାୟ

# ଭାବ ସଂପ୍ରସାରଣ ଓ ଅନୁଚ୍ଛେଦରୁ ଉତ୍ତରଲିଖନ

୮.୧ : ଆମର ଚକ୍ଷୁ, କର୍ଣ୍ଣ ପ୍ରଭୃତି ପାଞ୍ଚଟି ଜ୍ଞାନେନ୍ଦ୍ରିୟ ଜ୍ଞାନ ଆହରଣର ଦ୍ୱାର । ଦେଖିବା, ଶୁଣିବା ଓ ପଢ଼ିବାଦ୍ୱାରା ଆମେ ଜ୍ଞାନ ଅର୍ଜନ କରୁ । କହିବା ଓ ଲେଖିବା ମାଧ୍ୟମରେ ତା'ର ପ୍ରୟୋଗ କରୁ । ଏହାକୁ ଜ୍ଞାନାର୍ପଣ ବା ଜ୍ଞାନ ବିତରଣ କୁହାଯାଏ । ଲିଖନ ଦକ୍ଷତା ଆମର ଜାଣିବା ଓ ଶିଖିବାର ମାପକାଠି । ଲିଖନ ଦକ୍ଷତାର ବିକାଶ ପାଇଁ ବହୁ ସାଧନ ବା କୌଶଳ ରହିଛି । ଭାବସଂପ୍ରାସରଣ ଲିଖନ-କଳା ତନ୍ମଧ୍ୟରୁ ଏକ ସର୍ଜନାତ୍ମକ ପଦ୍ଧତି । ଏହା ସାଂପ୍ରତିକ ଶିକ୍ଷାଧାରାରେ ଏକ ପ୍ରାୟୋଗିକ ସାଧନ ପ୍ରକ୍ରିୟା ।

ଭାଷାର ପୋଷାକ ପିନ୍ଧି ଭାବ ମାନସ ସ୍ତରରୁ କଥିତ ବା ଲିଖିତ ସ୍ତରକୁ ଓହ୍ଲାଇଆସେ । ସାର୍ଥକ ଧ୍ୱନିରେ କୁହାଗଲେ ବା ଅକ୍ଷରରେ ଲେଖା ହେଲେ ଅର୍ଥ ପ୍ରକାଶିତ ହୁଏ । ଭାବ ଭାଷାରେ ରୂପ ନିଏ । ଧ୍ୱନିରେ ଅର୍ଥ ଓ ଭାବ ମିଶିଗଲେ 'ଶବ୍ଦ' ହୁଏ । ଶବ୍ଦ ଅର୍ଥସ୍ତରରେ ଭାଷାର ସର୍ବନିମ୍ନ ଏକକ । ଏହା ବାଚିକ ଧ୍ୱନି ସଂକେତର ଲିପି ରୂପ । ଅର୍ଥ ପ୍ରକାଶ କ୍ଷମତା ହେଉଛି ଶବ୍ଦର ଶକ୍ତି । ଅନେକ କ୍ଷେତ୍ରରେ ଆବଶ୍ୟକ ଅନୁସାରେ ଶବ୍ଦର ଲକ୍ଷଣାର୍ଥ ବି ପ୍ରକାଶ ପାଏ । ବିଶେଷ ଅର୍ଥ ପ୍ରକାଶ କ୍ଷମତାକୁ 'ବ୍ୟଞ୍ଜନା' କୁହାଯାଏ ।

ନିତିଦିନିଆ ଜୀବନରେ ଲୋକେ କେତେ ରୂଢ଼ି, ଲୋକବାଣୀ, ଡଗଡମାଳି, ସୂକ୍ତି ଓ ଖଣ୍ଡବାକ୍ୟ କଥା ପ୍ରସଙ୍ଗରେ ଉଦ୍ଧାର କରନ୍ତି । ଆମେ ମଧ୍ୟ ବେଳେ ବେଳେ ସେହିପରି ଉକ୍ତିକୁ ବ୍ୟବହାର କରୁ । ସେମାନଙ୍କର ଏକ ବିଶେଷ ଅର୍ଥ ପ୍ରକାଶ କ୍ଷମତା ରହିଛି । ତାହାକୁ ନାନା ନମୁନା ଓ ଯୁକ୍ତି ଦେଇ ଶୁଣିବା, ପଢ଼ିବା ଓ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଦକ୍ଷତା ଦରକାର । ଲୋକବଚନର ଭାବଗର୍ଭ ଭିତରେ ସୂକ୍ଷ୍ମ ରୂପରେ ଥିବା ଚମତ୍କାରିତାକୁ ସଂପ୍ରସାରଣ କରିବା ଏହି ଦକ୍ଷତାର ଏକ ଦିଗ । ଏହି କଳାକୌଶଳ କିପରି ହାସଲ କରାଯିବ, ତାହା ନିମ୍ନୋକ୍ତ ଉଦାହରଣରୁ ବୁଝାଯାଇପାରିବ ।

## ଯତ୍ନ କଲେ ରତ୍ନ ମିଳେ

ସାବଧାନତା ସହକାରେ ଚେଷ୍ଟାକରିବା, ଯତ୍ନର ସାଧାରଣ ଅର୍ଥ । 'ସାବଧାନ ହେଲେ ସଫଳତା ମିଳେ'- ଏହା ଏହି ଲୋକବାଣୀର ଭାବାର୍ଥ । ପରିଶ୍ରମ ଓ ପ୍ରଚେଷ୍ଟା ଫଳପ୍ରାପ୍ତିର ଦୁଇଟି ବିଶେଷ ସାଧନ । ଏ ଦୁଇଟିକୁ ସାବଧାନତା ସହକାରେ ପାଳନ କରାଗଲେ ସୁଫଳ ମିଳେ । ରତ୍ନ ଏକ ମୂଲ୍ୟବାନ୍ ବସ୍ତୁ । ଶ୍ରୁତିମଧୁର ଶବ୍ଦମେଳ ରଖିବା ପାଇଁ ଯତ୍ନ' ପାଖରେ 'ରତ୍ନ' ଶବ୍ଦ ବ୍ୟବହାର କରାଯାଇଛି । 'ଧାଡ଼ି ସିଧା' ଓ ଅକ୍ଷର ଗୋଲ କରି ଲେଖିଲେ ତାହା ସୁନ୍ଦର ଦେଖାଯାଏ ଓ ପଢ଼ିବାକୁ ସହଜ ହୁଏ । ଏଥିପାଇଁ ମନଲଗାଇ ଚେଷ୍ଟାକରିବା ଦରକାର । ତା' ସହିତ ସାବଧାନ ହେବା ମଧ୍ୟ ଜରୁରୀ । ଏଥିରୁ ଜଣାଯାଏ ଯେ ଅଧ୍ୟବସାୟହିଁ ସଫଳତାର ଚାବିକାଠି ।

ଉକ୍ତ ଲୋକବାଣୀଟି ବହୁ ପ୍ରଚଳିତ । ଏହା ସୂଚନାଧର୍ମୀ । ଅଧ୍ୟବସାୟୀ ହେବାପାଇଁ ଏହା ଆମକୁ ପ୍ରେରଣାଦିଏ । ଚରିତ୍ରର ଉନ୍ନତି ପାଇଁ ଏହା ବହୁ ପରିମାଣରେ ସହାୟକ ହୁଏ । ଏପରି ଉକ୍ତିଗୁଡ଼ିକ ବହୁ ପ୍ରଭାବଶାଳୀ । ଏହାର ସୁପ୍ରଭାବ ଯୋଗୁଁ ଏହାକୁ 'ସୂକ୍ତି' ମଧ୍ୟ କୁହାଯାଏ ।

> **ଏକ ଗୁରୁତ୍ୱପୂର୍ଣ୍ଣ ଭାବର ଅର୍ଥ ସୂଚକ ବିଶ୍ଳେଷଣ ଓ ପ୍ରସାରଣକୁ 'ଭାବ ସଂପ୍ରସାରଣ' କୁହାଯାଏ ।**

ଏହାଯୁକ୍ତିନିଷ୍ଠ ଓ ସଦୃଷ୍ଟାନ୍ତ ହେବା ବିଧେୟ । ଏହା ରୁଚିଶୀଳ ହେଲେ ମନଛୁଆଁ ଓ ପ୍ରଭାବଶାଳୀ ହୁଏ ।

**୮.୨ :** ଏକ ସାର୍ବକାଳିକ ତଥା ମହତ୍ତମ ଚେତନା; ରୂଢ଼ି, ଲୋକବାଣୀ, ସୂକ୍ତି ଓ ଖଣ୍ଡବାକ୍ୟ ଆକାରରେ ଗଣଭାଷାରେ ପ୍ରଚଳିତ । ଏଗୁଡ଼ିକର ଭାବ ସ୍ପଷ୍ଟୀକରଣ ହେଉଛି 'ଭାବ ସଂପ୍ରସାରଣର' ମୁଖ୍ୟ ଲକ୍ଷ୍ୟ । ଏହା ଶ୍ରୋତା ତଥା ପାଠକର ଭାବସୀମାକୁ ଛୁଇଁବା ଦରକାର । କ୍ରମିକ ରୀତିରେ ନମୁନା ଦେଇ ବା ନାଟକୀୟ ଢଙ୍ଗୀରେ ଉପସ୍ଥାପନ କରିବା ହେଉଛି ଅର୍ଥ ବିସ୍ତାର ପ୍ରକ୍ରିୟାର ଏକ ବିଶେଷ ଗୁଣ । ଫଳରେ ସେହି ଭାବକୁ ବୁଝିବାକୁ ସମସ୍ତେ ସମର୍ଥ ହେବେ । ଅଳ୍ପ ଶବ୍ଦରେ କୁହାଯାଇଥିବା ରୂଢ଼ି, ଲୋକବାଣୀ ଓ ଢଗଢମାଳି ମାଧ୍ୟମରେ ବିପୁଳଭାବକୁ ବ୍ୟକ୍ତ କରାଯାଏ । ତେଣୁ କଥିତ ପ୍ରସଙ୍ଗ ମନୋମୁଗ୍ଧକର ହୁଏ । ବିସ୍ତୃତ ପ୍ରସଙ୍ଗକୁ ସଂକ୍ଷେପ କରିବା, ଭାବଗର୍ଭକ କରିବା ଓ ତା' ମାଧ୍ୟମରେ ଚିନ୍ତାକୁ ବ୍ୟାପକ କରିବା ଏହାର ଧର୍ମ ।

**୮.୩ : ଭାବ ସଂପ୍ରସାରଣର ନିୟମ :**

୧ । ପ୍ରସଙ୍ଗଟିକୁ ମନଛୁଆଁ କରିବା ପାଇଁ ଭାବ ବ୍ୟାଖ୍ୟାକାରଙ୍କର ଚିନ୍ତା ଓ ପ୍ରକାଶଭଙ୍ଗୀ ସରଳ ହେବା ଉଚିତ ।

୨ । ଭାବ ପ୍ରସାରଣ କଲାବେଳେ ପ୍ରସାରଣକାରୀ (ଲେଖକ) ନିଜର ଅନୁଭବକୁ ଅନ୍ୟର ଅବବୋଧ ପାଇଁ ସଞ୍ଚରଣଶୀଳ କରିବା ବିଧେୟ ।

୩ । ଭାବକୁ ସ୍ପଷ୍ଟ କରିବା ପାଇଁ ଆବଶ୍ୟକ ସ୍ଥଳେ ଦୃଷ୍ଟାନ୍ତ ଦେବା ଉଚିତ ।

୪ । ପରିବେଶ, ଯୁଗରୁଚି, ଐତିହ୍ୟ, ସଂସ୍କୃତି, ସମୟ ଓ ବାସ୍ତବତା ଉପରେ ବ୍ୟାଖ୍ୟା ଆଧାରିତ ହେବା ବିଧେୟ ।

୫ । ସାଂସ୍କୃତିକ ଅଭିରୁଚି ଖଣ୍ଡିତ ହେବା ଅନୁଚିତ ।

୬ । ଯେଉଁ ସୂକ୍ତି, ରୂଢ଼ି ବା ବାକ୍ୟାଂଶକୁ ବ୍ୟାଖ୍ୟା କରାଯିବ, ତା'ର ତାତ୍ପର୍ଯ୍ୟକୁ ପ୍ରତିପାଦନ କରିବା ପାଇଁ ବ୍ୟାଖ୍ୟାକାର ଧ୍ୟାନ ଦେବା ଉଚିତ ।

୭ । ନିତିଦିନିଆ ଜୀବନଧାରାରୁ ନମୁନା ଦେଇ ଭାବ ବିସ୍ତାର କରାଯିବା ଉଚିତ ।

୮ । କାହାଣୀ ସଂଳାପଧର୍ମୀ ହେଲେ ଭାବସଂଚାର ସୁଗମ ହୁଏ ।

୯ । ଗଭୀର ଅର୍ଥ ପ୍ରକାଶକ୍ଷମ, ଭାବାନୁରୂପ ଭାଷା ଓ ସରଳବାକ୍ୟ ପ୍ରୟୋଗ ଭାବ ବିସ୍ତାରର ଉପଯୋଗୀ ।

## ନମୁନା-୧ : ଏକତା ହିଁ ବଳ

ଅନେକ ମିଶି ଏକ ହେବାର ଭାବକୁ 'ଏକତା' କହନ୍ତି । ଏହି ଭାବର ଅଭାବରେ ପତନ ହୁଏ । ଇତିହାସ ଏହାର ମୂକସାକ୍ଷୀ । ଏକତା ଦେଶ, ଜାତି ଓ ବ୍ୟକ୍ତିତ୍ୱ ଗଢ଼େ । ମନରେ ସାହସ ଓ ପ୍ରେରଣା ଭରିଦିଏ । ସମାନତାରୁ ମିତ୍ରତା ଆସେ । ସମାନତା ଓ ମିତ୍ରତା ଦୁହେଁ ମିଳିଲେ ଏକତା ଆସେ । ବ୍ୟକ୍ତି, ସମାଜ, ଜାତି ଓ ଦେଶର ଉନ୍ନତି ପାଇଁ ସମବୋଧ ଓ ଏକତା ଅତୀବ ଜରୁରୀ ।

ବିନ୍ଦୁ ବିନ୍ଦୁ ଜଳ ମିଶି ସିନ୍ଧୁ ସୃଷ୍ଟିହୁଏ । ଗୋଟିଏ କାଠିକୁ ଭାଙ୍ଗିଦିଆଯାଇ ପାରେ ; ମାତ୍ର ବିଡ଼ାଏ କାଠିକୁ ଭାଙ୍ଗିବା ସହଜ ନୁହେଁ । ପିମ୍ପୁଡ଼ି, ଉଇ ଓ ମହୁମାଛିଠାରୁ ଆମେ ଏକତା ଶିଖିବା ଉଚିତ । ଏକତା କାର୍ଯ୍ୟରେ ସଫଳତା ଆଣେ । ଏକତା ଜାତୀୟତାକୁ ପରିପୁଷ୍ଟ କରେ । ବିଷମତା ଭିତରେ ଏକତା ଆଣିବା ଜାତୀୟତାର ଲକ୍ଷ୍ୟ । ଏହାକୁ 'ଜାତୀୟ ସଂହତି' କହନ୍ତି । ବିଚ୍ଛିନ୍ନତା ଏକତାର ଶତ୍ରୁ । ବିଭେଦ ହିଁ ବିଶୃଙ୍ଖଳା ଓ ସଂଘର୍ଷର କାରଣ । ପ୍ରତ୍ୟେକଙ୍କ ନିକଟରେ ବ୍ୟକ୍ତିଗତ ଭିନ୍ନତା ରହିଛି ; ମାତ୍ର ଉଚ୍ଚ ଆଦର୍ଶଗତଏକତା ରହିଲେ ଆମେ ବଳଶାଳୀ ହୋଇପାରିବା । ବ୍ୟକ୍ତି, ସମାଜ, ଦେଶ ଓ ଦଶର ସମୃଦ୍ଧି ସମ୍ଭବ ହେବ । ସେଥିପାଇଁ କୁହାଯାଇଛି "ଏକତା ହିଁ ବଳ" । ଭେଦବୁଦ୍ଧି ଦୂରକରି ମୈତ୍ରୀ ଓ ପ୍ରୀତି ସ୍ଥାପନ ପାଇଁ ଏହି ଉକ୍ତିଟିର ସାମାଜିକ ପ୍ରାସଙ୍ଗିକତା ରହିଛି ।

## ନମୁନା-୨ : ଧୀର ପାଣି ପଥର କାଟେ

ମାନବ ଜୀବନ ଗତିଶୀଳ । ଗତି ହିଁ ଜୀବନ । ଜଡ଼ତା ହିଁ ମୃତ୍ୟୁ । ଜୀବନର ଗତିପଥ ସବୁବେଳେ ସରଳ ନୁହେଁ । ଜୀବନଧାରାରେ ବାଧା ବିପଦ ଆସିବା ସ୍ୱାଭାବିକ । ବାଧା ବିପଦକୁ ପାରି ହେବାପାଇଁ ମନରେ ସାହସ ଓ ଧୈର୍ଯ୍ୟ ଦରକାର । ଯେ ବିପଦରେ ପଡ଼ି ଅଟକି ଯାଏ, ତା'ର କାର୍ଯ୍ୟ ଅସଂପୂର୍ଣ୍ଣ ରହେ । ଅଧୀର ନ ହୋଇ ଧୈର୍ଯ୍ୟଧରି ଯେ ସାବଧାନ ହୋଇ କାମ କରେ, ସେ ବିପଦରୁ ଉଦ୍ଧାର ପାଏ । ତେଣୁ ଧୀର ସ୍ଥିର ହୋଇ କାମ କରିବା ଉଚିତ । ଶୃଙ୍ଖଳିତ ଚିନ୍ତା ଓ ଯୋଜନାବଦ୍ଧ କାର୍ଯ୍ୟ ମଣିଷକୁ ବିପଦମୁକ୍ତ କରେ ଓ ସଫଳତା ଆଣେ । ଏତିକିବେଳେ ମନେପଡ଼େ 'ଧୀରପାଣି ପଥର କାଟେ' ଲୋକବାଣୀଟି ।

'ଧୀର ପାଣି ପଥର କାଟେ'– ଏହି ମହତ ଉପଦେଶାତ୍ମକ ଲୋକବାଣୀଟି ମନରେ ଦୃଢ଼ତା ଆଣେ । ଧୈର୍ଯ୍ୟ ଧରି କାର୍ଯ୍ୟ କରିବାର ପ୍ରେରଣା ଦିଏ । ଏହି ଲୋକବାଣୀର ଆକ୍ଷରିକ ଅର୍ଥଠାରୁ ଭାବାର୍ଥ ଅତି ଗୁରୁତ୍ୱପୂର୍ଣ୍ଣ । ସ୍ଥିର ମନରେ କାର୍ଯ୍ୟ କରୁଥିବା ମଣିଷର ଭାବ-ଜଗତ ସହିତ ଏହା ନିବିଡ଼ ଭାବରେ ଜଡ଼ିତ ।

ପଥର ଅତି କଠିନ । ଜଳ ପଥରର କିଛି କ୍ଷତି କରିପାରେ ନାହିଁ । ମାତ୍ର ଦେଖାଯାଏ ନଳକୂଅ ମୂଳରେ କଳସୀ ବସି ବସି ଓ ପାଣି ପଡ଼ି ପଡ଼ି ସିମେଣ୍ଟ ଚଟାଣରେ ବି ଗାତ ହୋଇ ଯାଏ । ଏହା ଦିନକରେ ହୋଇ ନଥାଏ । ଅବିଚ୍ଛିନ୍ନ ଭାବରେ ପାଣି ପଡ଼ି ଓ କଳସୀ ବସି ଏପରି ହୋଇଥାଏ । ଏଥିରୁ ଜଣାଯାଏ ଅବିଚ୍ଛିନ୍ନ ଓ ଧୀରସ୍ଥିର ଭାବରେ ଯେ କୌଣସି କାର୍ଯ୍ୟ କରିଚାଲିଲେ ତାହା ପାଣି ପଥରକୁ କାଟିବା ପରି ଶେଷରେ ସଫଳ ହୁଏ । ଅସମ୍ଭବ ମନେ ହେଉଥିବା କାର୍ଯ୍ୟ ସମ୍ଭବ ହୁଏ । ସ୍ଥିରଚିନ୍ତା, ଧୈର୍ଯ୍ୟ ଓ ଶୃଙ୍ଖଳିତ କାର୍ଯ୍ୟ ମଣିଷକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଏ । ଜୀବନର ଉନ୍ନତିପଥରେ 'ଧୀରପାଣି ପଥର କାଟେ' ଲୋକବାଣୀଟି ଅତି ଗୁରୁତ୍ୱପୂର୍ଣ୍ଣ ।

## ନମୁନା-୩ : ତୁ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡ଼ା କାଠ

ସ୍ୱଭାବ ସହଜେ ବଦଳେ ନାହିଁ । ସ୍ୱଭାବକୁ ପ୍ରକୃତି କହନ୍ତି । କୌଣସି କାର୍ଯ୍ୟକୁ ଆଦର କରିବା ଓ ବାରମ୍ବାର ଆଚରଣରେ ଲଗାଇବା ଦ୍ୱାରା ତାହା ସ୍ୱଭାବରେ ପରିଣତ ହୋଇଯାଏ । ମନ୍ଦ ସ୍ୱଭାବ ବହୁଦିନ ଧରି ମନରେ ଦୃଢ଼ଭାବରେ ବସା ବାନ୍ଧିଥିଲେ ତାହା ବ୍ୟକ୍ତିର ଆଚାରରେ ଓ କାର୍ଯ୍ୟରେ ପ୍ରକାଶିତ ହୁଏ । ତା'କୁ ଛାଡ଼ିବା ଅତି କଠିନ । ଏ କ୍ଷେତ୍ରରେ 'ତୁ ଯେତେ ମାଠିବୁ ମାଠ / ମୁଁ ସେଇ ଦରପୋଡ଼ା କାଠ' ଲୋକବାଣୀଟି ପ୍ରୟୋଗ କରାଯାଏ ।

ଘୁଷୁରୀ ମଳ ଖାଏ, ପଙ୍କରେ ଗଡ଼େ । ତା'କୁ ସୁଖାଦ୍ୟ ବା ଉତ୍ତମ ସ୍ଥାନରେ ରହିବାକୁ ସୁଯୋଗ ଦେଲେ ବି ସେ ଅସନା ଖାଦ୍ୟ ଓ ବାସସ୍ଥାନକୁ ଛାଡ଼ି ପାରେ ନାହିଁ । ସେହିପରି ଦୁଷ୍ଟଲୋକକୁ ଯେତେ ବୁଝାଇଲେ ବି ସେ ଦୁଷ୍ଟାମି ସହଜରେ ଛାଡ଼େ ନାହିଁ । ମନ୍ଦ ଅଭ୍ୟାସ ପରିହାର କରିବା କଠିନ । ସେହି କ୍ଷେତ୍ରରେ ଏହି ଲୋକବାଣୀଟି ପ୍ରୟୋଗ କରାଯାଏ । ଅବୁଝା ଓ ଜିଦ୍‌ଖୋର ମଣିଷକୁ ଯେତେ ବୁଝାଇଲେ ତା' ପ୍ରକୃତି ଦରପୋଡ଼ା କାଠ ପରି ବଦଳେ ନାହିଁ ।

## ନମୁନା-୪ : ଫଳନ୍ତି ଗଛ ଫୋପଡ଼ ସହେ

ଗଛରେ ଫଳ ଧରିଲେ ଡାଳ ନଇଁଯାଏ । ଆକାଶରେ ଜଳକଣା ଘନୀଭୂତ ହୋଇଗଲେ ମେଘ ନଇଁଆସେ । ପ୍ରକୃତିର ନିୟମରେ ଗଛରେ ଫଳଧରେ ; ମେଘରେ ଜଳ ଭରେ । ଏହା ସେମାନଙ୍କର ସମୃଦ୍ଧି । ଏ ସମୃଦ୍ଧିରେ ଗଛ କି ମେଘ କେହି ଅହଂକାରୀ ହୁଅନ୍ତି ନାହିଁ ; ବରଂ ନଇଁ ଯାଆନ୍ତି, ବିନୟୀ ହୁଅନ୍ତି । ନିଜ ଦେହରେ ଫଳୁଥିବା ଫଳ ଗଛ ଖାଏ ନାହିଁ । ପଶୁ, ପକ୍ଷୀ, ମଣିଷ ସେ ଫଳ ଖାଆନ୍ତି । ଗଛ, ତା'ପାଇଁ ଦୁଃଖ କରେ ନାହିଁ । ଅନ୍ୟକୁ ଖୁସି କରାଇବା ପାଇଁ ସେ ନଇଁଯାଏ, ଫୋପଡ଼ ସହେ । ମେଘ ବି ନିଜ ଦେହରେ ଠୁଳ ହୋଇଥିବା ଜଳ ପିଏ ନାହିଁ । ସାରା ଜଗତ ପାଇଁ ଜଳ ବରଷି ଦିଏ । ଅନ୍ୟର ଶୋଷ ମେଣ୍ଟାଏ, ପୃଥିବୀକୁ ଶସ୍ୟଶ୍ୟାମଳା କରେ । ନିଜକୁ ନୁଆଁଇ ତଳକୁ ଝୁଲି ପଡ଼େ । ଗଛ ବି ଫଳ ଭାରରେ ନଇଁ ପଡ଼େ । ଉଭୟଙ୍କ ଆଚରଣରେ ବିନୟ ଓ ନମ୍ରତା ଫୁଟିଉଠେ । ପ୍ରଚୁର ସମୃଦ୍ଧିରେ ସେ ଦୁହେଁ ଅହଂକାରୀ ହୁଅନ୍ତି ନାହିଁ । ସେମାନେ ପରୋପକାରୀ । ସେହିପରି ସମୃଦ୍ଧିରେ ସାଧୁମାନେ ବଡ଼ିମା ଦେଖାନ୍ତି ନାହିଁ ; ଉଦ୍ଧତ ହୁଅନ୍ତି ନାହିଁ । ବିତରଣ ସେମାନଙ୍କର ଧର୍ମ ; ପରୋପକାର ସେମାନଙ୍କର ବ୍ରତ । ତେଣୁ ଗଛ ଫୋପଡ଼ର ଆଘାତ ସହି ଫଳଦାନ କରେ ।

ଉକ୍ତ ସୂକ୍ତିର ସାମାଜିକ ଆବେଦନ ଅତି ଗୁରୁତ୍ୱପୂର୍ଣ୍ଣ । ଏହା ମନରେ ପରୋପକାରୀ ଭାବନା ଆଣେ ଓ ସହନଶୀଳତା ତଥା ଇଚ୍ଛାଶକ୍ତି ବଢ଼ାଏ ।

## ନମୁନା-୫ : ଅତି, ଲେମ୍ବୁ ଚିପୁଡ଼ିଲେ ପିତା

ଲେମ୍ବୁ ଚିପୁଡ଼ିଲେ ରସ ବାହାରେ ; ମାତ୍ର ଅତି ଚିପୁଡ଼ିଲେ ପିତା ହୋଇଯାଏ । ଉକ୍ତ ଲୋକବାଣୀଟିର ଏହା ସାଧାରଣ ଅର୍ଥ । ଏହାର ଭାବାର୍ଥ ଅତି ଗୂଢ଼ ଓ ମହତ୍ତ୍ୱ ପୂର୍ଣ୍ଣ । 'ଅତି' ସବୁବେଳେ 'ଇତି'ର କାରଣ । ଅତିଗର୍ବରୁ ରାବଣର ସ୍ୱର୍ଣ୍ଣଲଙ୍କା ନାଶଗଲା । ଦୁର୍ଯ୍ୟୋଧନ ଅତି ଅହଂକାରୀ ଥିଲା । ସେ କାହାରି ପାଖରେ ମୁଣ୍ଡ ନୁଆଁଉ ନଥିଲା । ଶେଷରେ ଅହଂକାର ତା' ବିନାଶର କାରଣ ହେଲା । ଦାନବୀର ବଳି ଅତି ଦାନ କରୁଥିଲା । ସେଥିପାଇଁ ତା' ମନରେ ଗର୍ବଭାବ ଥିଲା । ବାମନାବତାରରେ ଭଗବାନ ତ୍ରିବିକ୍ରମ ତା'କୁ ତିନି ପାଦ ଭୂମି ଦାନ ମାଗିଲେ । ଗୋଟିଏ ପାଦରେ ସ୍ୱର୍ଗ ଓ ଅପର ପାଦରେ ମର୍ତ୍ତ୍ୟକୁ ଆବୋରି ନେଲେ । ତା'ପରେ ନାଭିରୁ ତୃତୀୟ ପାଦ ବାହାରିଲା । ଏହା ଦେଖି ସତ୍ୟସନ୍ଧ ବଳି ତା'ର ମଥା ପାତି ଦେଲା । ପ୍ରଭୁ ବାମନ ତା'କୁ ପାତାଳକୁ ଚାପି ଦେଲେ । ଅତି ଦାନ କରି ଦୈତ୍ୟରାଜ ବଳି ନାଶଗଲା । ତେଣୁ କୁହାଯାଏ- ସବୁକାମ କରିବାର ଗୋଟିଏ ସୀମାଥାଏ । ସୀମା ଟପି ଗଲେ ବିନାଶ ଅବଶ୍ୟ ହୁଏ । ତେଣୁ 'ଅତି' ସବୁବେଳେ ବର୍ଜନୀୟ । ଏହି ପ୍ରସଙ୍ଗରେ 'ଅତି ଲେମ୍ବୁ ଚିପୁଡ଼ିଲେ ପିତା' ଲୋକବାଣୀର ପ୍ରୟୋଗ କରାଯାଏ । ସାମାଜିକ ଚଳଣିରେ ଅତିଭାବନାକୁ ପରିହାର କରିବା ପାଇଁ ଏଠାରେ ସୂଚନା ଦିଆଯାଇଛି ।

### ନମୁନା-୬ : କୁସୁମ ପରଶେ ପଟ ନିସ୍ତରେ

ସଜ ଫୁଲଟିଏ । ଗଛ ଡାଳରେ ଦୋଳି ଖେଳେ । ତୋଳା ହୋଇ ଠାକୁର ପାଖରେ ଲାଗି ହୁଏ । ଫୁଲ ତ ସୁନ୍ଦର ଦିଶେ । ତାହା ମାଳାରେ ରହିଲେ ଆହୁରି ଶୋଭାପାଏ । ଜାତି ଜାତିର ଫୁଲ ଏକାଠି ମାଳାରେ ଗୁନ୍ଥା ହୁଅନ୍ତି । ଫୁଲମାଳ ପାଇଁ ଆଉଏକ ଚିଜ ଦରକାର ହୁଏ । ତାହା କଦଳୀ ପଟୁକା । କଦଳୀପଟୁକାକୁ କେହି ପଚାରନ୍ତି ନାହିଁ । ତାହା ତ ଅଲୋଡ଼ା ଚିଜ । ସେହି ଅଲୋଡ଼ା ପଦାର୍ଥଟି ମାଳାରଚନା ପାଇଁ ଲୋଡ଼ା ହୁଏ । ମାଳୀ କେତେରଙ୍ଗର ଫୁଲକୁ ନେଇ କେତେଢଙ୍ଗରେ ମାଳା ରଚନା କରେ । ସେହି ଫୁଲମାଳ ଠାକୁର ଗଳାରେ ଝୁଲେ । ପଟଟି ସାର୍ଥକ ହୋଇଯାଏ । ତା'ର ମାନ ବଢ଼ିଯାଏ । ଫୁଲ ସାଙ୍ଗରେ ସାଙ୍ଗ ହୋଇ ସେ ଠାକୁର ଗଳାରେ ଓହଳେ । ମହତ ସହିତ ମିଶିଲେ ସାଧାରଣ ବି ମହତ ହୋଇଯାଏ । ଏହି ଭାବଧାରାକୁ ନେଇ ଆଲୋଚ୍ୟ ଲୋକବାଣୀର ପ୍ରୟୋଗ ହୁଏ ।

ଅସାଧାରଣ ସହିତ ମିଶିଲେ ସାଧାରଣ ବି ପ୍ରଶଂସା ପାଏ– 'କୁସୁମ ପରଶେ ପଟ ନିସ୍ତରେ' ସୂକ୍ତିଟି ଏହି ବଳିଷ୍ଠ ବିଚାରର ଚେତନା ଦିଏ । ଆମ ଚରିତ୍ରର ଉନ୍ନତି ଦିଗରେ ଉକ୍ତିଟି ବହୁ ଭାବରେ ସହାୟକ ହୁଏ । ଏଣୁ ଭଲ ଲୋକଙ୍କ ସହିତ ମିଶିବା ଉଚିତ ।

### ନମୁନା-୭ : ତୁଳସୀ ଦୁଇପତ୍ରରୁ ବାସେ

ଓଡ଼ିଶାର ଜନମୁଖରେ 'ତୁଳସୀ ଦୁଇପତ୍ରରୁ ବାସେ' ଲୋକବାଣୀଟି ଖୁବ୍ ପ୍ରଚଳିତ । ଏ ଲୋକବାଣୀ ମହନୀୟ ଚରିତ୍ର ଗଠନ ପାଇଁ ପ୍ରଚୁର ପ୍ରେରଣା ଦିଏ । କଥାରେ ଅଛି– ଥିଲେ ଥାଉ ପଛେ ଗୁଣ ହଜାର / ଚରିତ୍ର ନଥିଲେ ସବୁ ଅସାର' । ମନରେ ପ୍ରଶ୍ନ ଉଠେ ଏହି ଚରିତ୍ରଟି କ'ଣ ? ଏହାର ଆକାର ପ୍ରକାର କିପରି ? ଶୃଙ୍ଖଳିତ ଜୀବନଯାପନ ଓ ପରୋପକାରୀ ଭାବନା ପରି ଉତ୍ତମ ଗୁଣକୁ ଚରିତ୍ର କହନ୍ତି । ଚରିତ୍ର ମାନବର ସର୍ବସ୍ୱ । ଚରିତ୍ର ବିନା ଜୀବନ ମୂଲ୍ୟହୀନ । ଉତ୍ତମ ଗୁଣ ମଣିଷକୁ ମହାତ୍ମା କରେ । ଦେବତାର ଆସନରେ ବସାଏ । ସେହିପରି ଦୁର୍ଗୁଣମାନ ତା'କୁ ଦୁରାତ୍ମା କରି ଦିଅନ୍ତି । ଚିନ୍ତାଧାରାକୁ କଳୁଷିତ କରନ୍ତି । ପରୋପକାରୀ ଭାବନା ମନରୁ ମରିଯାଏ । ଦୁର୍ଗୁଣ ମଣିଷକୁ ସ୍ୱାର୍ଥପର ଓ ବିବେକହୀନ କରିଦିଏ । ସକରାତ୍ମକ ଭାବନା ଅପସରି ଯାଏ । ଆତ୍ମକୈନ୍ଦ୍ରିକ ଭାବନା ବଳବତୀ ହୁଏ । ମହତ ଲୋକଙ୍କ ସ୍ୱଭାବ ମୂଳରୁ ବାରିହୋଇ ପଡ଼େ । ସୁଗୁଣ ବାଲ୍ୟାବସ୍ଥାରୁ ବିକଶିତ ହୁଏ ।

ମୋହନ ଦାସ କରମ ଚାନ୍ଦ ଗାନ୍ଧୀ ପିଲାଟି ଦିନରୁ ସତ୍ୟକୁ ଭଲପାଉଥିଲେ । ସତ୍ୟପ୍ରତି ତାଙ୍କର ଅନୁରାଗ ଥିଲା । ସତ୍ୟପାଇଁ ଶିକ୍ଷକଙ୍କ ଅନୁଚିତ ଇସାରାକୁ ସେ ମାନି ନଥିଲେ । ପାଖ ପିଲାଠାରୁ ନକଲ କରିନଥିଲେ । ତାଙ୍କର ସତ୍ୟାନୁରାଗ ତାଙ୍କୁ ପରବର୍ତ୍ତୀ ଜୀବନରେ ସତ୍ୟାଗ୍ରହୀ କରି ତୋଳି ଥିଲା । ସେ 'ମୋହନ'ରୁ ହେଲେ 'ମହାତ୍ମା' । ବିଶ୍ୱକବି ରବୀନ୍ଦ୍ରନାଥ ତାଙ୍କୁ 'ମହାତ୍ମା' ବୋଲି ସମ୍ବୋଧନ କଲେ । ସେ ହେଲେ ଆମ ଜାତିର ପିତା । ଆମର ପ୍ରିୟ 'ବାପୁଜୀ' । ତୁଳସୀ ଦୁଇପତ୍ର ଗଜୁରିବା ସମୟରୁ ହିଁ ବାସେ । ଶେଷ ପର୍ଯ୍ୟନ୍ତ ତାହା ବାସ ବିତରେ । ବାଲ୍ୟ କାଳରୁ ଯାହାର ସୁଗୁଣ ଫୁଟି ଉଠେ ତା' ପାଇଁ 'ତୁଳସୀ ଦୁଇ ପତ୍ରରୁ ବାସେ' ଲୋକବାଣୀଟି ପ୍ରୟୋଗ କରାଯାଏ ।

### ନମୁନା-୮ : ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ

ଯେ କୌଣସି ବସ୍ତୁ, ଜ୍ଞାନ ବା ଚେତନାର ଅନୁପସ୍ଥିତିକୁ 'ଅଭାବ' କହନ୍ତି । ଏହା ବ୍ୟକ୍ତିର ସ୍ୱଭାବ ଓ ରୁଚି ଉପରେ ନିର୍ଭର କରେ । ଅଭାବବୋଧ ଗାଢ଼ ହେଲେ ଅଭାବର ଦୃଢ଼ତା ଅନୁଭୂତ ହୁଏ । ଏହାକୁ 'ଆବଶ୍ୟକତା' କହନ୍ତି । ଆମର ସମସ୍ତ କାର୍ଯ୍ୟଧାରା ଆବଶ୍ୟକତା ପୂରଣ ପାଇଁ ଉଦ୍ଦିଷ୍ଟ । ଭୋକ ମେଣ୍ଟାଇବା ପାଇଁ ଖାଇବା, ଶୋଷ ମେଣ୍ଟାଇବା ପାଇଁ ଜଳ ପିଇବା, ରହିବା ପାଇଁ ଘର କରିବା ଓ ଜାଣିବା ପାଇଁ ଅଧ୍ୟୟନ କରିବା ଦରକାର ହୁଏ ।

ବିବର୍ତ୍ତନର ତାଳେତାଳେ ଚଳଣି ବଦଳିଛି ଓ ମଣିଷ ସମାଜର ଉନ୍ନତି ହୋଇଛି । ଆବଶ୍ୟକତା ବଢ଼ିଛି । ନୂଆନୂଆ ଜିନିଷ ବାହାର କରିବାକୁ ମଣିଷ ଚିନ୍ତା କରିଛି । ଜ୍ଞାନର ଅଭିବୃଦ୍ଧି ଓ ଆବଶ୍ୟକତାର ତାଡ଼ନା ତା'କୁ ନୂଆ ଜିନିଷ ବାହାର କରିବା ପାଇଁ ପ୍ରେରଣା ଦେଇଛି । ପୁରାତନ ପ୍ରସ୍ତର ଯୁଗରେ ସେ କାଠକୁ କାଠ ସହିତ ବା ପଥରକୁ ପଥର ସହିତ ଘଷି ନିଆଁ ବାହାର କରିଛି । ନିଆଁରେ କଞ୍ଚାମାଂସକୁ ପୋଡ଼ି ଖାଇଛି । କାଠରୁ ଚକ ତିଆରି କରିଛି । ଅଭାବ ଓ ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ସେ ଜ୍ଞାନର ନୂଆ ସନ୍ଧାନ ପାଇଛି । ନୂଆ ଜିନିଷ ବାହାର କରିଛି । ତା'ର ସେହି ପ୍ରକ୍ରିୟାର ନାମ 'ଉଦ୍ଭାବନ' । ତେଣୁ ଆବଶ୍ୟକତା ରୂପକ ମାଆ ଗର୍ଭରୁ ଉଦ୍ଭାବନ ଜନ୍ମନେଇ ଆସିଛି । ପ୍ରୟୋଜନକୁ ଦେଖି ଶ୍ରେଷ୍ଠ ମଣିଷ ତା'ର ଅଭାବ ପୂରଣ ପାଇଁ ଚମତ୍କାର ସଂପଦ ଉତ୍ପାଦନ, ଉଦ୍‌ଭାବନ ଓ ଆବିଷ୍କାର କରିଛି ।

ଉକ୍ତ ସୂକ୍ତିଟି ମାନବକୁ ସନ୍ଧାନଧର୍ମୀ କରେ । ସୂକ୍ଷ୍ମଚିନ୍ତାକୁ ତୀକ୍ଷ୍ଣ କରେ, ଚେତନାର ଉତ୍ତରଣରେ ସାହାଯ୍ୟକରେ । ଜ୍ଞାନର ବିସ୍ଫୁରଣ ଘଟାଏ ।

### ନମୁନା-୯ : ମାନବ ସେବା ହିଁ ମାଧବ ସେବା

ସେବା ଅତି ମହନୀୟ ଗୁଣ । ଏହା ମନକୁ ନିର୍ମଳ ଓ ହୃଦୟକୁ ପ୍ରଶସ୍ତ କରେ । ମନରୁ ଅହଂକାର, ଘୃଣା, ଈର୍ଷା ଓ ବଡ଼ିମାକୁ ଦୂରେଇ ଦିଏ । ମଣିଷକୁ ନମ୍ର, ଧୈର୍ଯ୍ୟବାନ୍ ଓ ସହିଷ୍ଣୁ କରେ । ସ୍ୱାର୍ଥପରତା ସେବାର ଶତ୍ରୁ । ସେବା ମାନବିକତାକୁ ବିକଶିତ କରେ । ଦୟାରୁ ସେବା ଜନ୍ମନିଏ । ଶିବ ଜ୍ଞାନରେ ଜୀବ ସେବା କରିବା ଉଚିତ । ଜୀବର ସେବା କରିବା ହେଉଛି ବାସ୍ତବ ଦେବପୂଜା । ପ୍ରତି ଜୀବ ଅନ୍ତରରେ ମାଧବ ବିରାଜିତ । ମାନବ ଶ୍ରେଷ୍ଠ ଜୀବ ; ଚଳନ୍ତି ଦେବତା । ଦଳିତ, ପୀଡ଼ିତ ମାନବର ସେବା କଲେ ମାଧବ ସନ୍ତୁଷ୍ଟ ହୁଅନ୍ତି । ଭୋକୀକୁ ଖାଦ୍ୟ, ଶୋଷୀକୁ ଜଳ ଓ ରୋଗୀକୁ ଔଷଧ ଦେଲେ ସେମାନଙ୍କ ମନ ଆନନ୍ଦିତ ହୁଏ । ସେବାରେ ଛଳନା ବା ବାଧ୍ୟତା ରହିବା ଅନୁଚିତ । ପ୍ରତିଦାନର ଆଶା ନ ରଖି ସେବା କରିବା ଉଚିତ । ଅନୁରାଗ, ସେବାକୁ ସୁବାସିତ କରେ । ମନପ୍ରାଣ ନେଇ ମାନବର ସେବା କଲେ ତାହା ମାଧବ ସେବା ସହ ସମତୁଲ ହୁଏ । ଚରିତ୍ରର ଉନ୍ନତି ଓ ମାନବିକତାର ବିକାଶ ଦିଗରେ ଏହି ସୂକ୍ତିଟି ବିଶେଷ ସହାୟକ ହୁଏ ।

## ପ୍ରଶ୍ନାବଳୀ

୧ । ଭାବ ସଂପ୍ରସାରଣ କହିଲେ କ'ଣ ବୁଝ ?

୨ । ଭାବ ସଂପ୍ରସାରଣ କର ।

(କ) ନଈ ନ ଦେଖୁଣୁ ଲଙ୍ଗଳା

(ଖ) ଉଚ୍ଛାକୁ ଏତେ ମୁଦିନାହିଁ ଗୋଡ଼ କଚାଡ଼ୁ କେତେ ?

(ଗ) ଅଣ୍ଟି ଛୁରୀ ତଣ୍ଟି କାଟେ

(ଘ) ଚୋର ମାଆ ଯଦି କାନ୍ଦେ ଆଖି ମଳିମଳି କାନ୍ଦେ

(ଙ) ଅର୍ଥ ହିଁ ଅନର୍ଥର କାରଣ

(ଚ) ଆଲୋ ସଖି ; ଆପଣା ମହତ ଆପେରଖି ।

୩ । ଭାବ ସଂପ୍ରସାରଣର ତିନୋଟି ନିୟମ ଲେଖ ।

# ଅନୁଚ୍ଛେଦରୁ ଉତ୍ତର ଲିଖନ

**ସୂଚନା :**

ସାଂପ୍ରତିକ ଶିକ୍ଷାଧାରାରେ ସ୍ୱଶିକ୍ଷଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ତେଣୁ ଶିକ୍ଷଣକୁ କାର୍ଯ୍ୟଭିତ୍ତିକ କରାଯାଇଛି । କାମଟି ନିଜେ କଲେ ଉପଲବ୍ଧି ଆସେ । ବେଳେବେଳେ ଭୁଲ୍ ହୁଏ । ତା'କୁ ସଂଶୋଧନ କରିବା ପାଇଁ ଦଳଗତ ପ୍ରଚେଷ୍ଟା କରାଯାଏ । ଶିକ୍ଷକ ଏ ଦିଗରେ ମଧ୍ୟ ସାହାଯ୍ୟ କରନ୍ତି । ଫଳରେ ଶିକ୍ଷଣ କ୍ରିୟା ସଫଳ ହୁଏ । ଶିକ୍ଷଣର ସଫଳତା ପରଖିବା ପାଇଁ ମୂଲ୍ୟାୟନ କରାଯାଏ । ଶୁଣିବା ଓ ପଢ଼ିବା ଠିକ୍ ଢଙ୍ଗରେ ହେଲେ, ବୁଝିବା କାମଟି ସରଳ ଓ ସହଜ ହୁଏ । ବୁଝି ନ ପାରିଲେ ଉତ୍ତର ଦେବା ଭୁଲ୍ ହୋଇଯାଏ । ବିଦ୍ୟାର୍ଥୀର ଅବବୋଧ ପରୀକ୍ଷା କରିବା ପାଇଁ ଅନୁଚ୍ଛେଦ ଆଧାରିତ ପ୍ରଶ୍ନୋତ୍ତର ଅଧିକ ମାତ୍ରାରେ ସାହାଯ୍ୟ କରେ । ତେଣୁ ଦତ୍ତ ଅନୁଚ୍ଛେଦରୁ ଉତ୍ତର ଲିଖନ ପାଠ୍ୟକ୍ରମରେ ବିଦ୍ୟାର୍ଥୀଙ୍କ ବୋଧଜ୍ଞାନ ପରିମାପକ ପାଠ ରୂପେ ଅନ୍ତର୍ଭୁକ୍ତ କରାଯାଇଛି ।

**୮.୫ :** ଅନୁଚ୍ଛେଦରେ ଗୋଟିଏ ପ୍ରସଙ୍ଗ ଥାଏ । ପ୍ରତ୍ୟେକ ବାକ୍ୟର ପର ବାକ୍ୟ ସହିତ ସଂପର୍କ ଥାଏ । ଲେଖିଲାବେଳେ ଗୋଟିଏ ଭାବବିନ୍ଦୁରୁ ଅନ୍ୟ ଏକ ଭାବବିନ୍ଦୁକୁ ଗଲେ ନୂଆ ଅନୁଚ୍ଛେଦଟିଏ ହୁଏ । ଭାବବିନ୍ଦୁ ବା ପ୍ରସଙ୍ଗର ବିସ୍ତୃତି ଅନୁସାରେ ଅନୁଚ୍ଛେଦ ଛୋଟ ବା ବଡ଼ ହୁଏ । ଅନୁଚ୍ଛେଦ ଦ୍ୱାରା ଲେଖାରେ ପ୍ରକାଶଭଙ୍ଗୀ ଶୃଙ୍ଖଳିତ ହୁଏ । ଏହାଦ୍ୱାରା ଚିନ୍ତାର କ୍ରମ ବିକାଶ ସ୍ପଷ୍ଟ ଜଣାଯାଏ । ଅନୁଚ୍ଛେଦ, ପ୍ରସଙ୍ଗ ଭିତରେ ସମତା ଓ ଐକ୍ୟ ଆଣେ । ପରିଚ୍ଛେଦ ଓ ଅନୁଚ୍ଛେଦ ମଧ୍ୟରେ ପାର୍ଥକ୍ୟ ରହିଛି । ଅଧ୍ୟାୟକୁ ପରିଚ୍ଛେଦ କହନ୍ତି । ପରିଚ୍ଛେଦର ଭାବବିନ୍ଦୁ ଅନୁସାରେ ବିଭାଗୀକରଣକୁ ଅନୁଚ୍ଛେଦ (Paragraph) କହନ୍ତି । ନାଟକ ଓ ପଦ୍ୟରଚନାରେ ଅନୁଚ୍ଛେଦ ନ ଥାଏ । କେବଳ ଗଳ୍ପ ଓ ପ୍ରବନ୍ଧ ଆଦି ଗଦ୍ୟରଚନାରେ ଅନୁଚ୍ଛେଦ ଥାଏ ।

**୮.୫.୧ : ଦତ୍ତ ଅନୁଚ୍ଛେଦରୁ ଉତ୍ତର ଲିଖନ ପାଇଁ ବିରତି ଚିହ୍ନକୁ ଲକ୍ଷ୍ୟ କରି ଠିକ୍ ଭାବରେ ପଢ଼ିପାରିଲେ ବୁଝିବା ସହଜ ହୁଏ । ଫଳରେ ଦତ୍ତ ପ୍ରଶ୍ନର ଉତ୍ତରଦେବା ନିର୍ଭୁଲ ହୁଏ ।**

**୮.୫.୨ : ନିର୍ଭୁଲ ଉତ୍ତର ଦେବାପାଇଁ ନିମ୍ନ ଲିଖିତ ଦିଗପ୍ରତି ଗୁରୁତ୍ୱ ଦେବା ଉଚିତ୍ ।**

୧ । ପ୍ରଦତ୍ତ ଅନୁଚ୍ଛେଦର ଉତ୍ତର ଦେବା ପୂର୍ବରୁ ପ୍ରଥମେ ସେହି ଅନୁଚ୍ଛେଦଟିକୁ ଉପଯୁକ୍ତ ବିରାମ ଚିହ୍ନ ସହିତ ମନ ଦେଇ ପଢ଼ିବା ଆବଶ୍ୟକ ।

୨ । ପ୍ରଶ୍ନଗୁଡ଼ିକୁ ପଢ଼ି ପୁଣି ଥରେ ଅନୁଚ୍ଛେଦକୁ ପଢ଼ିଲେ ଉତ୍ତର ଦେବା ସହଜ ହୁଏ ।

୩ । ଉତ୍ତରଗୁଡ଼ିକୁ ଅବିକଳ ପ୍ରଶ୍ନରୁ ନ ଉତାରି ଉପଯୁକ୍ତ ଭାବ ରଖି ନିଜ ଭାଷାରେ ଲେଖିବା ଉଚିତ୍ ।

୪ । ଅନୁଚ୍ଛେଦରେ ଥିବା ପ୍ରତ୍ୟକ୍ଷ ଉକ୍ତିକୁ ପରୋକ୍ଷ ଉକ୍ତିରେ ପରିଣତ କରି ଉତ୍ତର ଦେବା ବିଧେୟ ।

୫ । ଉତ୍ତରଟି ପୂର୍ଣ୍ଣବାକ୍ୟରେ ଲେଖା ହେବା ଆବଶ୍ୟକ ।

## ନମୁନା ଅନୁଚ୍ଛେଦ-୧

"ଧୀର ସ୍ଥିର ଭାବରେ ପଳାଶର କଥାଯାକ ଶୁଣିଗଲା ଶିମିଳି । ମନରେ ତା'ର ରାଗ ଆସୁ ନଥିଲା, ଛାତିରେ ଚମକ ସୃଷ୍ଟି ହେଉ ନ ଥିଲା । ପଳାଶକୁ କି ଉତ୍ତର ଦେବ, ସେ କଥା ମନେ ମନେ ଭାବୁଥିଲା ଶିମିଳି । ନିଜଗୁଣ ବିଷୟରେ କହି ଦେବ କି ପଳାଶକୁ ? ନିଜ ମୁହଁରେ ନିଜ ଗୁଣ ବଖାଣିବା ମହତପଣିଆ ନୁହେଁ । ଶିମିଳିର ଯେତେ ଗୁଣ ଥିଲେ ବି ତାହା ତ ପଳାଶର ଆଖିରେ ପଡୁନାହିଁ, ତା'କୁ କହି କି ଲାଭ ? କ'ଣ କରିବ ସିଏ ? କେମିତି ପଳାଶକୁ ବୁଝେଇବ ? କିଛି ସମୟ ପାଇଁ ସଂକଟରେ ସନ୍ଥୁଳି ହେଲା । ଶେଷରେ ଭାବିଲା- କହୁଛି ତ କହୁ, ତା' ରାଗ ଥଣ୍ଡା ପଡ଼ିଯାଉ । ଏତେ ସମୟ ଧରି ପଳାଶ ଓ ଶିମିଳି ମଧ୍ୟରେ ହେଉଥିବା କଥାବାର୍ତ୍ତାକୁ ନୀରବରେ ଶୁଣୁଥିଲା ପାଖରେ ଥିବା ବୁଢ଼ା ବରଗଛଟିଏ । ଶିମିଳି ଗଛକୁ ଚୁପ୍ ରହିବା ଦେଖି ବରଗଛ ଆଉ ଅପେକ୍ଷା କରି ପାରିଲାନି ।

ପଳାଶର ପ୍ରଳାପକୁ ମନେମନେ ପସନ୍ଦ କରୁନଥିଲା ସେ । ବରଗଛଟି ତେଣୁ ପଳାଶ ଉଦ୍ଦେଶ୍ୟରେ କହିଲା, "ତୁ କିଛି ନ ଭାବିଲେ ମୁଁ ପଦେ କହୁଚି । ଶିମିଳିର ଖୁଣଗୁଡ଼ିକ ତୁ କହିଗଲୁ, ହେଲେ ତା'ର ଗୁଣ କହିଲୁନି । ଆଉ ତୁ ଯାହା କହୁଛୁ ଶିମିଳିର ଗୁଣ ନାହିଁ, ସେ କଥାଟା ଜମା ସତ ନୁହେଁ । ରାଗରେ, ଈର୍ଷାରେ ତୁ ଅନ୍ଧ ହୋଇ ଯାଇଛୁ । ସେଇଥିପାଇଁ ଶିମିଳିର କୌଣସି ଗୁଣ ତୋତେ ଦିଶୁନାହିଁ ।"

-ପ୍ରଶ୍ନ-

୧ । ପଳାଶର କଥା ଶୁଣି ଶିମିଳି ମନରେ ରାଗ ଆସୁନଥିଲା କାହିଁକି ?

୨ । ଶିମିଳି ନିଜ ଗୁଣ ବିଷୟରେ ପଳାଶକୁ କହି ନ ପାରିବାର କାରଣ କ'ଣ ?

୩ । ଶିମିଳିର ଯେତେ ଗୁଣ ଥିଲେ ବି ପଳାଶ ଆଖିରେ ପଡୁନଥିଲା କାହିଁକି ?

୪ । ଶିମିଳି ଚୁପ୍ ରହିବା ଦେଖି ବରଗଛ କ'ଣ କହିଲା ?

-ଉତ୍ତର-

୧ । ପଳାଶର କଥା ଧୀରସ୍ଥିର ଭାବରେ ଶିମିଳି ଶୁଣିଗଲା । ତା'ମନରେ କିଛି ପ୍ରତିକ୍ରିୟା ସୃଷ୍ଟି ହେଉ ନଥିଲା । କାରଣ ତାର ସହିବା ଶକ୍ତି ଅଧିକ ଥିଲା ।

୨ । ଅନ୍ୟନିକଟରେ ନିଜ ମୁହଁରେ ନିଜର ଗୁଣ ବଖାଣିବା ମହତପଣିଆ ନୁହେଁ ବୋଲି ଜାଣିଥିବାରୁ ଶିମିଳି କିଛି କହିପାରି ନଥିଲା ।

୩ । ପଳାଶର ସ୍ୱଭାବ ଥିଲା ଅତି ଅସହଣି । ରାଗରେ, ଈର୍ଷାରେ ସେ ଅନ୍ଧ ହୋଇ ଯାଇଥିଲା । ତେଣୁ ଶିମିଳିର ଭଲଗୁଣଗୁଡ଼ିକ ତା'ଆଖିରେ ପଡୁନଥିଲା ।

୪ । ନିଜ ମୁହଁରେ ନିଜଗୁଣ ବଖାଣିଲେ ଶୋଭାପାଏନି । ଶିମିଳିର ଗୁଣ ନ ଥିବା କଥାଟା ମିଛ । ପଳାଶ ରାଗରେ ଓ ଈର୍ଷାରେ ଜରଜର ହେଉଥିଲା । ତେଣୁ ଶିମିଳିର ଖୁଣ ଛଡ଼ା ଗୁଣ ପଳାଶ ଆଖିକୁ ଦେଖାଯାଉ ନଥିଲା ବୋଲି ବରଗଛ ପଳାଶକୁ କହିଲା ।

## ନମୁନା ଅନୁଚ୍ଛେଦ-୨

"ସନ୍ଧ୍ୟାରେ ପିତା ଗୃହକୁ ଫେରିବାରୁ ପୁତ୍ର ତାଙ୍କ ନିକଟରେ ସମସ୍ତ କଥା ପ୍ରକାଶ କଲା । ପୁତ୍ର ଯେ ଋଷିଙ୍କୁ ବିଦ୍ୟାଟି ଶିଖାଇ ଦେଇଛି, ଏକଥା ଜାଣି ବନବାସୀ ସନ୍ତୋଷ ପ୍ରକାଶ କଲାନାହିଁ । ସେ କହିଲା, "ପୁତ୍ର, ତୁ କିଛି ଉତ୍ତମ କାର୍ଯ୍ୟ କଲୁନାହୁଁ ! ବ୍ୟାସଙ୍କ ଭଳି ମହର୍ଷିଙ୍କୁ ବିଦ୍ୟାଶିକ୍ଷା ଦେବା ତୋ' ପକ୍ଷେ ଉଚିତ ହୋଇନାହିଁ । କାରଣ ଯିଏ ଯାହାକୁ ବିଦ୍ୟା ଶିକ୍ଷା ଦିଏ ସେ ଆଜୀବନ ତା'ର ଗୁରୁ ହୁଏ । ବିଦ୍ୟାକୁ କେବଳ କଣ୍ଠସ୍ଥ କରିଦେଲେ ହୁଏ ନାହିଁ । ବିଦ୍ୟାଦାତା ଗୁରୁଙ୍କୁ ଉପଯୁକ୍ତ ସମ୍ମାନ ନଦେଲେ, ଉଚିତ ସମୟରେ ବିଦ୍ୟା ଫଳପ୍ରଦ ହୁଏ ନାହିଁ । ଆମେ ହେଲେ ସାମାନ୍ୟ ବନବାସୀ । ଖଜୁରି ରସ ସଂଗ୍ରହ କରି ଆମେ ଜୀବିକା ନିର୍ବାହ କରୁଥାଏଁ । ବ୍ୟାସଦେବ ହେଉଛନ୍ତି ଜଣେ ମହାନ୍ ପଣ୍ଡିତ ଓ ଋଷି । ସେ କ'ଣ ତୋତେ ଅନ୍ତରର ସହିତ ଗୁରୁ ଭାବରେ ଗ୍ରହଣ କରି ଉପଯୁକ୍ତ ସମ୍ମାନ ଦେବେ ? ତା' ନା ହେଲେ ତୁ' ତାଙ୍କୁ ଶିଖାଇଥିବା ବିଦ୍ୟାଟି ଫଳପ୍ରଦ ହେବ ନାହିଁ । ତୁ ଗୋଟିଏ ମିଥ୍ୟାବାଦୀ ବୋଲି ପ୍ରମାଣିତ ହେବୁ । ମୁଁ ତ ସେହି କାରଣରୁ ତାଙ୍କୁ ବିଦ୍ୟାଟି ଶିଖାଉ ନଥିଲି ।"

-ପ୍ରଶ୍ନ-

୧ । ବନବାସୀଙ୍କ ଅସନ୍ତୋଷର କାରଣ କ'ଣ ?

୨ । ପୁତ୍ର ଉତ୍ତମ କାର୍ଯ୍ୟ କଲା ନାହିଁ ବୋଲି ପିତା କାହିଁକି କହିଥିଲେ ?

୩ । ଉଚିତ ସମୟରେ ବିଦ୍ୟା ଫଳପ୍ରଦ ହୁଏ ନାହିଁ କାହିଁକି ?

୪ । ବନବାସୀ ବ୍ୟାସଦେବଙ୍କୁ ବିଦ୍ୟାଶିକ୍ଷା ନଦେବାର କି ଅଭିପ୍ରାୟ ଥିଲା ?

-ଉତ୍ତର-

୧ । ଋଷିଙ୍କୁ ବିଦ୍ୟାଶିକ୍ଷା ଦେଇଥିବା କଥା ପୁତ୍ର ପାଖରୁ ବନବାସୀ ଶୁଣିଲେ । ବ୍ୟାସଦେବଙ୍କ ପରି ପଣ୍ଡିତ ଓ ମହର୍ଷି ତା'ଙ୍କୁ ଗୁରୁଭାବରେ ଉପଯୁକ୍ତ ସମ୍ମାନ ଦେଇ ନ ପାରନ୍ତି ବୋଲି ବନବାସୀ ଅନୁମାନ କଲେ । ତେଣୁ ସେ ଅସନ୍ତୋଷ ପ୍ରକାଶ କଲେ ।

୨ । କମ୍ ବୟସର ବନବାସୀ ବାଳକ ହୋଇଥିବାରୁ ମହର୍ଷିବ୍ୟାସ ତାଙ୍କୁ ଅନ୍ତରର ସହିତ ଗୁରୁଭାବରେ ଗ୍ରହଣ କରି ନ ପାରନ୍ତି ଓ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରି ନ ପାରନ୍ତି । ତେଣୁ ତାଙ୍କୁ ବିଦ୍ୟାଶିକ୍ଷା ଦେବା ଉତ୍ତମ କାର୍ଯ୍ୟ ନୁହେଁ ବୋଲି ବନବାସୀ ପୁତ୍ରକୁ କହିଥିଲେ ।

୩ । ବିଦ୍ୟାଦାତା ଗୁରୁ ପୂଜନୀୟ ; ସମ୍ମାନନୀୟ, ତାଙ୍କୁ ଯଥୋଚିତ ସମ୍ମାନ ଦେବାଉଚିତ । ସେଥିରେ ଅବହେଳା କଲେ ଅର୍ଜିତ ବିଦ୍ୟା ଉଚିତ ସମୟରେ ଫଳ ଦିଏନାହିଁ । ବିଦ୍ୟାଶିକ୍ଷା ନିରର୍ଥକ ହୋଇଯାଏ ।

୪ । ମହର୍ଷି ବ୍ୟାସ ଜଣେ ମହାନ୍ ପଣ୍ଡିତ ଥିଲେ । ସାମାନ୍ୟ ବନବାସୀ ଜଣେ, ତାଙ୍କର ଗୁରୁ ହେଲେ ହୁଏତ ସେ ଉପଯୁକ୍ତ ସମ୍ମାନ ଦେଇ ନ ପାରନ୍ତି । ଫଳରେ ଶିଖିଥିବା ବିଦ୍ୟା ନିଷ୍ଫଳ ହେବ । ଗୁରୁ ମିଥ୍ୟାବାଦୀ ବୋଲି ପ୍ରମାଣିତ ହେବେ । ତେଣୁ ବନବାସୀ ବ୍ୟାସଦେବଙ୍କୁ ବିଦ୍ୟା ଶିକ୍ଷା ଦେବାକୁ ନାରାଜ ଥିଲେ ।

## ନମୁନା ଅନୁଚ୍ଛେଦ-୩

"ଆଜି ସୁନାରୁପାର ତାରକସି କାମ ପାଇଁ କଟକ ନାଁ କରିଛି । ଏହା ମଧୁବାବୁଙ୍କ ଚେଷ୍ଟାର ଫଳ । ଶିଳ୍ପର ଉନ୍ନତି ପାଇଁ ସେ ଓଡ଼ିଶାରେ ଏକ ଜୋତା କାରଖାନା ନିର୍ମାଣ କରାଇଥିଲେ । ସେ ଦେଖିଲେ ଆମ ଦେଶରେ ଚମଡ଼ାର ଅଭାବ ନାହିଁ । ଜୋତା କାରଖାନାଟି ନ ଚଳିବ କାହିଁକି ? ଗୁଡ଼ିଏ ବେକାର ଲୋକ ତ କାମ ପାଇଯିବେ । ଏହାଦ୍ୱାରା ଯେ ସେ ଧନୀ ହେବେ, ଏଭଳି ମନୋଭାବ ତାଙ୍କର ନ ଥିଲା । ଯେଉଁ ଜୋତାଗୁଡ଼ିକ ଖରାପ ହୋଇ ଯାଉଥିଲା ସେଗୁଡ଼ିକୁ ସେ ପୋଡ଼ି ପକାଉଥିଲେ । ଖରାପ ଜିନିଷ ବିକି ଲୋକଙ୍କୁ ଠକିବାକୁ ସେ ଚାହୁଁ ନଥିଲେ । ଏହା ଫଳରେ ତାଙ୍କୁ ବହୁତ କ୍ଷତି ସହିବାକୁ ପଡ଼ିଥିଲା । ପରିଣାମରେ ଟଙ୍କା ପଇସାର ଅଭାବ ଦେଖାଗଲା କିନ୍ତୁ ସେ ସେଥିରେ ଭାଙ୍ଗି ପଡ଼ି ନ ଥିଲେ । ସେ କହନ୍ତି- "ଆଲୋ ସଖି ! ଆପଣା ମହତ ଆପେ ରଖି ।"

-ପ୍ରଶ୍ନ-

୧ । ମଧୁବାବୁଙ୍କ ଚେଷ୍ଟାର ଫଳ ଆମେ କିପରି ଜାଣିପାରୁ ?

୨ । ମଧୁବାବୁଙ୍କ କ'ଣ ଚିନ୍ତା କଲେ ?

୩ । ଲୋକଙ୍କୁ ନ ଠକିବା ମଧୁବାବୁଙ୍କର ଲକ୍ଷ୍ୟ ଥିଲା ବୋଲି କିପରି ଜଣାଯାଏ ?

୪ । "ଆଲୋ ସଖି ! ଆପଣା ମହତ ଆପେ ରଖି ।"-ଉକ୍ତିଟିର ତାତ୍ପର୍ଯ୍ୟ କ'ଣ ?

-ଉତ୍ତର-

୧ । କଟକରେ ସୁନାରୁପା ତାରକସି କାମ ଚଳାଇବା ଓ ଶିଳ୍ପର ଉନ୍ନତି ପାଇଁ ଓଡ଼ିଶାରେ ଜୋତା କାରଖାନା ବସାଇବା ମଧୁବାବୁଙ୍କ ଚେଷ୍ଟାର ଫଳ । ତେଣୁ ସେ କଟକରେ ସୁନାରୁପା ତାରକସି କାମ ପ୍ରଚଳନ କରିଥିଲେ ଓ ଏକ ଜୋତା କାରଖାନା ମଧ୍ୟ ବସାଇଥିଲେ । ଏଥିରୁ ଆମେ ମଧୁବାବୁଙ୍କ ଚେଷ୍ଟାର ଫଳ ଜାଣିପାରୁ ।

୨ । ଜୋତା କାରଖାନାଟିଏ ବସାଇଲେ ଗୁଡ଼ିଏ ବେକାରଲୋକ କାମ ପାଇଯିବେ । ଆର୍ଥିକ ଅବସ୍ଥା ବଦଳି ଯିବ । ଏହାଥିଲା ମଧୁବାବୁଙ୍କର ଚିନ୍ତା ।

୩ । ଖରାପ ଜିନିଷ ବିକି ଲୋକଙ୍କୁ ଠକିବାକୁ ମଧୁବାବୁ ଚାହୁଁ ନଥିଲେ । ସେଥିପାଇଁ ଯେଉଁ ଜୋତାଗୁଡ଼ିକ ଖରାପ ହୋଇଯାଉଥିଲା, ସେଗୁଡ଼ିକୁ ସେ ପୋଡ଼ି ପକାଉଥିଲେ ।

୪ । ନିଜର ମାନ ନିଜେ ଜଗିବା ଉଚିତ । ସମ୍ମାନ ଥରେ ଗଲେ ଆଉ ଫେରେନା । ଅନ୍ୟମାନେ ନିନ୍ଦା କରନ୍ତି । ବରଂ ଆର୍ଥିକ କ୍ଷତି ହେଉ କିନ୍ତୁ ନିଜର ସମ୍ମାନ ଅତୁଟ ରହୁ-ଏହାଥିଲା ମଧୁବାବୁଙ୍କ ଉଦ୍ଦେଶ୍ୟ । ଏହାକୁ ଲକ୍ଷ୍ୟରଖି ମଧୁବାବୁ କହିଥିଲେ "ଆଲୋ ସଖି ! ଆପଣା ମହତ ଆପେ ରଖି ।"

## ନମୁନା ଅନୁଚ୍ଛେଦ-୪

"ଆଉ ଦିନକର ଘଟଣା । ଗୋପବନ୍ଧୁଙ୍କର ଲୁଗାଟି ଚିରି ଯାଇଥାଏ । ଲୁଗାଖଣ୍ଡେ ଦରକାର । ସେ ଜଣେ ବାବୁଙ୍କୁ ଡାକି କହିଲେ, "ମୋ ପାଇଁ ଲୁଗାଟିଏ ଆଣନ୍ତନି !" ବନ୍ଧୁ ଜଣକ ଅତି ଆଗ୍ରହରେ ଛୁଟିଗଲେ ବଜାରକୁ ଲୁଗା କିଣିବାକୁ । ଲୁଗା ଆସିଲା । ଦାମିକା ଲୁଗା । ଫୁଲ ପରି ନରମ ଏବଂ ହାଲୁକା । ଲୁଗାଟି ଦେଖି ଦାସେ ଆପଣେ ବିରକ୍ତ ହେଲେ । ବନ୍ଧୁଜଣକ ଏହା ଦେଖି କହିଲେ, "ମୁଁ ତ ଆପଣଙ୍କ ପାଇଁ ଭଲ ଲୁଗାଟିଏ ବାଛି ବାଛି ଆଣିଛି- ପିନ୍ଧନ୍ତୁ ।" ଗୋପବନ୍ଧୁ ଉତ୍ତର ଦେଲେ, "ଯେଉଁ ଦେଶର ଲୋକ ପଇସା ଅଭାବରୁ ଚିରା ସାତସିଆଁ ଲୁଗା ପିନ୍ଧେ, ଭୋକ ଉପାସରେ ଦିନକାଟେ, ଶୀତରେ ଘୋଡ଼େଇ ହେବାକୁ ଶୀତ ଲୁଗାଟିଏ ପାଏନି, ସେହି ଦେଶର ଲୋକ ହୋଇ ମୁଁ ଏତେ ଦାମିକା ଲୁଗା ପିନ୍ଧିବି ; ଏହାଠାରୁ ବଳି ଲଜ୍ଜାର କଥା ଆଉ କ'ଣ ଥାଇପାରେ ?" ପରେ ତାଙ୍କ ଇଚ୍ଛା ମୁତାବକ କମ୍ ଦାମ୍‌ର ଖଣ୍ଡେ ମୋଟା ଖଦଡ଼ ଧୋତି ଆସିଲା । ଧୋତିଟି ପିନ୍ଧି ପକେଇଲେ ଗୋପବନ୍ଧୁ । ଆଣ୍ଠୁ ଲୁଚୁ ନଥାଏ । ହସ ହସ ମୁହଁରେ କହି ପକାଇଲେ, "ଏଇଟି ସିନା ମୋ-ଲାଖି ଲୁଗା ।"

### -ପ୍ରଶ୍ନ-

୧ । ସେଦିନ ଗୋପବନ୍ଧୁ ବନ୍ଧୁଜଣଙ୍କୁ କାହିଁକି ଡାକିଥିଲେ ?

୨ । ଫୁଲପରି ନରମ ଓ ହାଲୁକା ଲୁଗା ପିନ୍ଧିବାକୁ ଦାସେ ଆପଣେ ନାରାଜ ହେଲେ କାହିଁକି ?

୩ । କିପରି ଲୁଗା ଦାସେ ଆପଣେ ପିନ୍ଧିବାକୁ ଇଚ୍ଛା କଲେ ?

୪ । ଅନୁଚ୍ଛେଦଟି ପଢ଼ି ଏହା ପାଇଁ ଗୋଟିଏ 'ଶୀର୍ଷକ' ସ୍ଥିର କର । ନାମକରଣର ଯଥାର୍ଥତା ସଂପର୍କରେ ଗୋଟିଏ ବାକ୍ୟ ଲେଖ ।

### -ଉତ୍ତର-

୧ । ଗୋପବନ୍ଧୁଙ୍କ ଲୁଗାଟି ଚିରି ଯାଇଥାଏ । ତେଣୁ ତାଙ୍କପାଇଁ ଖଣ୍ଡିଏ ଲୁଗା ଆଣିବାପାଇଁ ସେ ତାଙ୍କର ଜଣେ ବନ୍ଧୁଙ୍କୁ କହିଲେ । ଏଥିପାଇଁ ସେ ତାଙ୍କୁ ଡାକିଥିଲେ ।

୨ । ପଇସା ଅଭାବରୁ ଯେଉଁ ଦେଶର ଲୋକମାନେ ଚିରା ସାତସିଆଁ ଲୁଗା ପିନ୍ଧନ୍ତି, ଭୋକ ଉପାସରେ ଦିନ କାଟନ୍ତି, ଶୀତଲୁଗା ପାଆନ୍ତିନି, ସେହି ଦେଶର ଲୋକ ହୋଇ ଫୁଲ ପରି ନରମ ହାଲୁକା ଓ ଦାମିକା ଲୁଗା ପିନ୍ଧିବାକୁ ଦାସେ ଆପଣେ ନାରାଜ ହେଲେ ।

୩ । ଲଜ୍ଜା ନିବାରଣ ପାଇଁ ଖଣ୍ଡିଏ କମ୍ ଦାମ୍‌ର ମୋଟା ଖଦଡ଼ ଲୁଗା ପିନ୍ଧିବା ପାଇଁ ଦାସେ ଆପଣେ ଇଚ୍ଛା କରିଥିଲେ ।

୪ । ଶୀର୍ଷକ- 'ଦୀନବନ୍ଧୁ ଗୋପବନ୍ଧୁ' । ଦେଶର ଦୀନ ଦରିଦ୍ର ଓ ଭୋକିଲା ଲୋକଙ୍କର ଅବସ୍ଥାକୁ ହୃଦୟଙ୍ଗମ କରିବାରେ ଗୋପବନ୍ଧୁ ଥିଲେ ଅତୁଳନୀୟ ।

# ପ୍ରଶ୍ନାବଳୀ

**୧ । ନିମ୍ନଲିଖିତ ଅନୁଚ୍ଛେଦକୁ ଭଲ କରି ପଢ଼ । ବୁଝି ଉତ୍ତର ଦିଅ ।**

(କ) "ଦୂରପାହାଡ଼, ଅଶାନ୍ତ ସାଗର, ପୋଖରୀର ନୀଳକଇଁ, ଅରଣ୍ୟର ସବୁଜ ସୁନ୍ଦର ଗଛଲତା, ଆକାଶର ସଂଖ୍ୟାହୀନ ତାରାଫୁଲ ଏ ସବୁକୁ ଦେଖିବାକୁ ଆମର ଭାରି ଇଚ୍ଛା ହୁଏ । ଆଉ ଇଚ୍ଛାହୁଏ ଏସବୁ ସବୁବେଳେ ଆମ ଆଖି ଆଗରେ ସେହିପରି ଥା'ନ୍ତା କି, ଆମେ ସୃଷ୍ଟିର ଚମତ୍କାରିତା ପ୍ରାଣଭରି ଉପଭୋଗ କରନ୍ତେ । କିନ୍ତୁ ତା' ହୁଏ ନାହିଁ । ସେ ସମସ୍ତଦୃଶ୍ୟ ଆମେ ସବୁବେଳେ ଦେଖିପାରୁନି । ପୁଣି, ସୃଷ୍ଟି ଦେଖି ସୃଷ୍ଟିକର୍ତ୍ତାଙ୍କୁ ଦେଖିବାକୁ ଆମର ଭାରି ଆଗ୍ରହ ହୁଏ । ହେଲେ ତା' କଦାପି ସମ୍ଭବ ହୁଏ ନାହିଁ । ମାତ୍ର ଧନ୍ୟ ସେହି ଚିତ୍ରଶିଳ୍ପୀଗଣ ଯେଉଁମାନେ ବିଶ୍ୱକର୍ତ୍ତାଙ୍କର ସେହି ପ୍ରାକୃତିକ ଚିତ୍ରସବୁକୁ ରଙ୍ଗ ତୂଳୀନେଇ ପ୍ରାଣବନ୍ତ କରନ୍ତି । ସେମାନେ ଆମରି ପରି ମନୁଷ୍ୟ । ପୃଥିବୀର ଛପା ଅଛପା ଅନେକ କଥାକୁ ସେମାନେ ଆମ ଆଖି ଆଗକୁ ଆଣନ୍ତି ଚିତ୍ର ଆଙ୍କି ।"

-ପ୍ରଶ୍ନ-

୧ । କେଉଁ ପ୍ରାକୃତିକ ଦୃଶ୍ୟ ଦେଖିବାକୁ ଆମର ମନ ହୁଏ ଓ କାହିଁକି ?

୨ । ସୃଷ୍ଟିର ଚମତ୍କାରିତା ଆମ ପ୍ରାଣରେ କି ପ୍ରଭାବ ପକାଏ ?

୩ । ସୃଷ୍ଟିକର୍ତ୍ତାଙ୍କ ସଂପର୍କରେ କ'ଣ କୁହାଯାଇଛି ?

୪ । ଚିତ୍ରଶିଳ୍ପୀମାନେ ଧନ୍ୟବାଦର ପାତ୍ର କାହିଁକି ?

(ଖ) "ସବୁଦେଶର ସାହିତ୍ୟ ପଦ୍ୟରୁ ଆରମ୍ଭ । ଗୀତ ଗାଇବାକୁ ସମସ୍ତେ ଭଲ ପାଆନ୍ତି । ଗୀତକୁ ମନେ ରଖିବା ସହଜ । ତା'ର ଛନ୍ଦ ମଧୁରତା ପ୍ରାଣକୁ ପୁଲକିତ କରେ । ତେଣୁ ପୃଥିବୀର ସବୁ ସାହିତ୍ୟ ପଦ୍ୟରୁ ହିଁ ଆରମ୍ଭ । ବେଦ, ଆମ ଦେଶର ପ୍ରଥମ ସାହିତ୍ୟ ; ଜ୍ଞାନର ଭଣ୍ଡାର । ବେଦକୁ ଶୁଣିଶୁଣି ମନେ ରଖାଯାଇଥିଲା ବୋଲି ତା'ର ଅନ୍ୟନାମ 'ଶ୍ରୁତି' । ବେଦରେ ବର୍ଣ୍ଣିତ ପଦ ଓ ବାକ୍ୟକୁ 'ମନ୍ତ୍ର' ବା 'ଋଚା' କୁହାଯାଏ । ବେଦରେ ଅଗ୍ନି, ବରୁଣ, ଉଷା, ଇନ୍ଦ୍ର ଓ ବିଷ୍ଣୁ ପ୍ରଭୃତିଙ୍କ ସ୍ତୁତି ରହିଛି । ଏହାକୁ ସ୍ତୋତ୍ର କୁହାଯାଏ । ଏହା ଧର୍ମୀୟ ଭାବନା ଓ ପ୍ରକୃତିକୁ ନେଇ ରଚିତ । ବେଦକୁ ଋକ୍, ଯଜୁଃ, ସାମ ଓ ଅଥର୍ବ ଭେଦରେ ଚାରି ଭାଗରେ ବିଭକ୍ତ କରାଯାଇଛି । ସାମ ବେଦ ସଂଗୀତ ପ୍ରଧାନ । ତେଣୁ ଏହାକୁ ଗାନ କରାଯାଏ । ବେଦର ଅବବୋଧ ପାଇଁ କ୍ରମାନ୍ୱୟରେ ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ୍ ଆକାରରେ ତା'ର ବ୍ୟାଖ୍ୟା କରାଯାଇଛି । ଉପନିଷଦ୍‌ର ଅନ୍ୟନାମ ବେଦାନ୍ତ ।"

-ପ୍ରଶ୍ନ-

୧ । ସବୁଦେଶର ସାହିତ୍ୟ କାହିଁକି ପଦ୍ୟରୁ ଆରମ୍ଭ ହୋଇଛି ?

୨ । ଗୀତ ଆମ ମନକୁ ପୁଲକିତ କରେ କାହିଁକି ?

୩ । ବେଦମନ୍ତ୍ରକୁ ସ୍ତୋତ୍ର ବୋଲି କହିବାର ତାତ୍ପର୍ଯ୍ୟ କ'ଣ ?

୪ । ବେଦାନ୍ତ କହିଲେ କ'ଣ ବୁଝ ?

(**ବିଶେଷ ଦ୍ରଷ୍ଟବ୍ୟ :-** ଶିକ୍ଷକମାନେ ବିଦ୍ୟାର୍ଥୀଙ୍କ ମେଧାଶକ୍ତି ଅନୁରୂପ ଅନୁଚ୍ଛେଦମାନ ନିଜେ ନିଜେ ସଂଗ୍ରହ କରି ଅବବୋଧମୂଳକ ନମୁନା ପ୍ରଶ୍ନ ପ୍ରସ୍ତୁତ କରି ଛାତ୍ରଛାତ୍ରୀଙ୍କୁ ଅଭ୍ୟାସ କରାଇବେ ।)